INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
**Newspaper Clipping**
**Name of Newspaper: -*The Samaja***
**Page- 02 Date- 22.07.2024**

# ଏନସିଇଆରଟି ପୁସ୍ତକରେ ହରପ୍ପା ସଭ୍ୟତାକୁ 'ସିନ୍ଧୁ-ସରସ୍ୱତୀ ସଭ୍ୟତା' ଭାବରେ ଉଲ୍ଲେଖ

ନୂଆଦିଲ୍ଲୀ,୨୧।୭: ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଏନ୍‌ସିଇଆରଟି ପକ୍ଷରୁ ସ୍କୁଲ ପାଠ୍ୟ ପୁସ୍ତକ ବିଷୟବସ୍ତୁରେ ପରିବର୍ତ୍ତନ କରାଯାଇଛି। ଏହା ଷଷ୍ଠ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ନାମରେ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ କରିଛି। ଉକ୍ତ ପୁସ୍ତକରେ ପ୍ରାଚୀନ ହରପ୍ପା ସଭ୍ୟତାକୁ 'ସିନ୍ଧୁ-ସରସ୍ୱତୀ ସଭ୍ୟତା' ଭାବରେ ଉଲ୍ଲେଖ କରାଯାଇଛି। ସେଥିରେ କୁହାଯାଇଛି ଯେ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଏହି ସଭ୍ୟତାକୁ ବିଭିନ୍ନ ନାମରେ ନାମିତ କରିଛନ୍ତି, ଯଥା- 'ସିନ୍ଧୁ', 'ହରପ୍ପା', 'ଇଣ୍ଡସ୍-ସରସ୍ୱତୀ' ଅଥବା 'ସିନ୍ଧୁ-ସରସ୍ୱତୀ' ଆଦି। ଆମେମାନେ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରିବା। ଏହାର ଅଧିବାସୀମାନଙ୍କୁ 'ହରପ୍ପାନ୍' ବୋଲି କହାଯାଏ। ଏହା ବିଶ୍ୱର ଅନ୍ୟତମ ସର୍ବପୁରାତନ ସଭ୍ୟତା ବୋଲି ପାଠ୍ୟପୁସ୍ତକର ୟୁନିଟ୍ ୬ରେ ଉଲ୍ଲେଖ ରହିଛି, ଯାହା ଭାରତୀୟ ସଭ୍ୟତାର ଆରମ୍ଭ ବିଷୟ ଭାବରେ କୁହାଯାଇଛି। ଉକ୍ତ ୟୁନିଟ୍‌ରେ ସରସ୍ୱତୀ ନଦୀକୁ ଏକ ଉପ-ଶୀର୍ଷକରେ ଲେଖାଯାଇଛି। ଉକ୍ତ ନଦୀକୁ ସମ୍ପ୍ରତି ଭାରତରେ 'ଘାଗର' ଏବଂ ପାକିସ୍ତାନରେ 'ହାକ୍ରା' ବୋଲି କୁହାଯାଉଥିବା ନାମରେ ବର୍ଣ୍ଣନା କରାଯାଇଛି। ଋଗ୍‌ବେଦରେ ସରସ୍ୱତୀ ନଦୀ ସମ୍ପର୍କରେ ଉଲ୍ଲେଖ ଥିବା ଏହି ପୁସ୍ତକରେ ଲେଖାଯାଇଛି।

ସୂଚନାଯୋଗ୍ୟ ଯେ ଗତ ଜୁନ୍ ମାସରେ ଏନସିଇଆରଟି ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକଲାନି ଭରସା ଦେଇ କହିଥିଲେ ଯେ ପୁସ୍ତକରେ କରାଯାଇଥିବା ପରିବର୍ତ୍ତନ ଏକ ବୈଶ୍ୱିକ ଏବଂ ବାର୍ଷିକ କାର୍ଯ୍ୟକ୍ରମ ଏବଂ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କର ମତାମତ ଓ ପରାମର୍ଶ ଆଧାରରେ ପାଠ୍ୟ ପୁସ୍ତକରେ ପରିବର୍ତ୍ତନ କରାଯାଇଛି। ଅନେକ ବିଷୟ ପ୍ରାସଙ୍ଗିକତା ହରାଇଥିବାରୁ ଏବଂ ଛାତ୍ର ଛାତ୍ରୀଙ୍କ ପାଇଁ କେତେକ ତାଜା ତଥ୍ୟ ପ୍ରଦାନ ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯାଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କର ହସ୍ତକ୍ଷେପ ନାହିଁ। ତେବେ ଏଭଳି ପରିବର୍ତ୍ତନକୁ ନେଇ ଅନେକ ମତ ଉଠାଇଛନ୍ତି।

**INSTITUTE LIBRARY**
**REGIONAL INSTITUTE OF EDUCATION, BHUBANESWAR**
**Newspaper Clipping**
**Name of Newspaper: -*The Prajatantra*   Date – 25.07.2024**
**Page link:** (https://www.theprajatantra.org/prajatantra/epaper/edition/3052/the-prajatantra-no1-newspaper-in-odisha/page/9)


# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ' ଦିବସ

ଭୁବନେଶ୍ୱର (ପିପିଏସ୍): ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ' ବା ଏଫ୍ଏଲ୍ଏନ୍ ଦିବସ ପାଳିତ ହୋଇଯାଇଛି । ଶିକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ଛାତ୍ରଛାତ୍ରୀଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଦକ୍ଷତା ବୃଦ୍ଧି କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ୍ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜାତୀୟ ଶିକ୍ଷାନୀତିର ମହତ୍ତ୍ୱାକାଂକ୍ଷା ବିଷୟରେ ଆଲୋକପାତ କରିଛନ୍ତି । ଏହାସହ ଛାତ୍ରଛାତ୍ରୀଙ୍କ ସଂଖ୍ୟାଜ୍ଞାନ ଓ ସାମଗ୍ରିକ ବିକାଶରେ ଏଫ୍ଏଲ୍ଏନ୍ କାର୍ଯ୍ୟକ୍ରମର ଭୂମିକା ସମ୍ପର୍କରେ ବୁଝାଇଛନ୍ତି । ଏହି ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି କରିବା ପାଇଁ ଏକ କର୍ମଶାଳା ଆୟୋଜନ ହୋଇଥିଲା । ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବସନ୍ତ କୁମାର ସାହୁ ଅଭିଭାବଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ଅଖିଳେଶ୍ୱର ମିଶ୍ର ସଂଯୋଜନା କରିଥିଲେ । ଜାତୀୟ ଶିକ୍ଷାନୀତିର ଚାରି ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟର ପକ୍ଷରୁ ପାଳନ କରାଯାଉଥିବା ଏହି ଶିକ୍ଷା ସପ୍ତାହ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।


# INSTITUTE LIBRARY
## REGIONAL INSTITUTE OF EDUCATION, BHUBANESWAR
**Newspaper Clipping**
**Name of Newspaper: -*The Samaja*   Date – 25.07.2024**
**Page link: (https://samajaepaper.in/imageview_20_2572024147269_4_73_25-07-2024_6_i_1_sf.html)**


# ଇତିହାସ ପାଠ୍ୟପୁସ୍ତକରେ ପରିବର୍ତ୍ତନ

ଇତିହାସ ସହିତ ପ୍ରତ୍ୟେକ ସମାଜର ଏକ ଅନନ୍ୟ ପ୍ରେମ-ଘୃଣା ସମ୍ପର୍କ ଅଛି, ତାହା ଭାରତୀୟ ସମାଜ ହେଉ କିମ୍ବା ପାଶ୍ଚାତ୍ୟ ସମାଜ। ଇତିହାସର ଯେଉଁ ପାର୍ଶ୍ୱକୁ ଜଣକୁ ଭଲ ଲାଗେ, ଅର୍ଥାତ୍ ସରକାରଙ୍କର ଅନୁରୂପ ହୋଇଥାଏ, ତାକୁ ପସନ୍ଦ କରାଯାଇଥାଏ ଏବଂ ଯେଉଁ ପାର୍ଶ୍ୱକୁ ସରକାର ନାପସନ୍ଦ କରିଥାନ୍ତି, ତାକୁ ଘୃଣା ଚକ୍ଷୁରେ ଦେଖିଥାନ୍ତି। ଏହି କାରଣରୁ ସମସ୍ତେ ବର୍ତ୍ତମାନର ପରିପ୍ରେକ୍ଷୀରେ ଇତିହାସ ଲେଖିବାକୁ ଚାହୁଁଛନ୍ତି। ଇତିହାସକୁ ବୁଝିବା ଏବଂ ଗ୍ରହଣ କରିବା ପାଇଁ ଆବଶ୍ୟକ ନୈତିକ ଶକ୍ତି କମ୍ ସମାଜ ଓ ଲୋକଙ୍କ ନିକଟରେ ରହିଛି। ଉପସ୍ଥିତ। ବ୍ରିଟିଶମାନେ ବର୍ତ୍ତମାନ ଉପନିବେଶ ଶାସନର କିଛି ଘଟଣା ପାଇଁ ଦୁଃଖ ପ୍ରକାଶ କରୁଛନ୍ତି, କିନ୍ତୁ ସେମାନେ ତଥାପି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ଯେ ଔପନିବେଶିକ ଆଇନକାନୁନ ତ୍ରୁଟିପୂର୍ଣ୍ଣ ଥିଲା। ତେଣୁ ଇତିହାସ ହେଉଛି ଏକ ବ୍ୟକ୍ତିନିଷ୍ଠ ଦୃଷ୍ଟିକୋଣ, ଯାହା ଉପରେ ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ମତ ଥାଇପାରେ। ଯେହେତୁ ଆମ ସମାଜ ଏକ ବର୍ଗ ବିଭାଜିତ ସମାଜ, ତେଣୁ ପ୍ରତ୍ୟେକ ବର୍ଗ (ବର୍ଗ ଅର୍ଥାତ୍ ଶୋଷକ ଶ୍ରେଣୀ ଏବଂ ଶୋଷିତ ଶ୍ରେଣୀ) ତା ହିସାବରେ ରାଜନୀତି କରିବାକୁ ପସନ୍ଦ କରନ୍ତି। ପ୍ରତ୍ୟେକ ଶ୍ରେଣୀ ସମାଜରେ ବାସ କରୁଥିବା ଲୋକମାନଙ୍କ ମସ୍ତିଷ୍କରେ ସେହି ଧାରଣା ଏବଂ ବିଚାର ଗଢ଼ିତୋଳିବାକୁ ଚେଷ୍ଟା କରନ୍ତି, ଯାହା ଫଳରେ ଲୋକମାନେ ସମାଜ ଭିତରେ ଏକ ଚିନ୍ତାର ପରିମଣ୍ଡଳ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି। ସେହି ଚିନ୍ତନ ବିଜ୍ଞାନ ଆଧାରରେ ହେଉ ବା ଅବୈଜ୍ଞାନିକ, ସେଥିରେ କୌଣସି ସମସ୍ୟା ନାହିଁ। ଦେଶ ସ୍ୱାଧୀନ ହେବା ପରଠାରୁ ଏହା ହୋଇଆସୁଛି। ଯେତେବେଳେ ଇଂରେଜମାନେ ଭାରତକୁ ଶାସନ କରୁଥିଲେ, ସେତେବେଳେ ମଧ୍ୟ ସେମାନେ ଭାରତୀୟମାନଙ୍କୁ ପ୍ରକୃତ ଇତିହାସକୁ ଲୁଚାଇ ରଖୁଥିଲେ। ବର୍ତ୍ତମାନ ଇଂରେଜ ନାହାନ୍ତି, ସେମାନଙ୍କ ସ୍ଥାନରେ ଜାତି ଏବଂ ଧର୍ମ ଆଧାରରେ ପ୍ରକ୍ରିୟାବାଦୀ ରାଜନୀତି କରୁଥିବା ନେତାମାନେ ସେହି ସମାନ କାର୍ଯ୍ୟ କରୁଛନ୍ତି। ତେଣୁ ପ୍ରତ୍ୟେକ ରାଜନୈତିକ ଦଳକୁ ସେମାନଙ୍କ ଦର୍ଶନ ଏବଂ ବିଚାର ହିସାବରେ ଇତିହାସ ଦରକାର। ଯାହା ବର୍ତ୍ତମାନ ଆମେ ଭାରତୀୟ ରାଜନୀତିରେ ଦେଖିବାକୁ ପାଉଛୁ। ଏହି ମହତ୍ୱପୂର୍ଣ୍ଣ ବିଷୟଟିକୁ ଯଦି କୌଣସି ରାଜନୀତିର ଛାତ୍ର ଭୁଲ୍ ବୋଲି କହିଥାନ୍ତି, ତାହେଲେ ବୁଝାଯିବ ଯେ ସେ ମିଥ୍ୟା କହୁଛନ୍ତି।



**ଅସିତ ମହାନ୍ତି**



ଏହି ପରିପ୍ରେକ୍ଷୀରେ ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନସିଇଆରଟି)ର ଦଶମ ଓ ଦ୍ୱାଦଶ ଶ୍ରେଣୀ ଇତିହାସ ପାଠ୍ୟପୁସ୍ତକରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଛି। ନିଃସନ୍ଦେହ, ଗୋଟିଏ ଗୋଷ୍ଠୀ ଏହି ପରିବର୍ତ୍ତନଗୁଡ଼ିକୁ ଭୁଲ ବୋଲି କହୁଛି ଏବଂ ଐତିହାସିକ ତଥ୍ୟରୁ ବିଚ୍ଛିନ୍ନ ହୋଇଛି, କିନ୍ତୁ ବାସ୍ତବତା ହେଉଛି ଉଭୟ ପକ୍ଷ ଏକ ସୁବିଧାଜନକ ଇତିହାସ ଚାହୁଁଛନ୍ତି। କ'ଣ ଶିକ୍ଷା ଦିଆଯିବା ଉଚିତ୍ ଏବଂ ପାଠ୍ୟପୁସ୍ତକରେ କ'ଣ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ, ସେ ବିଷୟରେ ନିରନ୍ତର ଆଲୋଚନା ଚାଲିଛି; କିନ୍ତୁ ପ୍ରଶ୍ନ ଉଠୁଛି, କାହାକୁ ଭଲ ଲାଗିବା ବା ଭଲ ନଲାଗିବା ଉପରେ ଐତିହାସିକ ତଥ୍ୟକୁ କ'ଣ ପରିବର୍ତ୍ତନ କରାଯାଇପାରେ ?

ବର୍ତ୍ତମାନ, ଇତିହାସ ପାଠ୍ୟପୁସ୍ତକରେ କରାଯାଇଥିବା କିଛି ପରିବର୍ତ୍ତନ ସହିତ ଜଡ଼ିତ ବିବାଦ ମଧ୍ୟ ସମାନ ପ୍ରସଙ୍ଗରେ ଦେଖାଯିବା ଉଚିତ, ଯେତେବେଳେ ଗୋଟିଏ ବିଭାଗର ସୁବିଧାଜନକ ଦୃଷ୍ଟିକୋଣ ଅନ୍ୟ ବିଭାଗର ବକ୍ତବ୍ୟ ସହିତ ମେଳ ଖାଉ ନାହିଁ। ଏହି ପ୍ରକାର ବିବାଦ ପ୍ରଥମ ଥର ପାଇଁ ହୋଇନାହିଁ। ଭାରତର ଶିକ୍ଷାଗତ ଇତିହାସରେ ଏପରି ବିବାଦ ପୂର୍ବରୁ ଘଟିଥିଲା। ଅର୍ଥାତ୍ ବର୍ଗ ବିଭାଜିତ ସମାଜରେ ଦୁଇଟି ଦୃଷ୍ଟିକୋଣ ଦେଖିବାକୁ ମିଳିଥାଏ। ଗୋଟିଏ ହେଉଛି ଶୋଷକ ଶ୍ରେଣୀର ବିଚାର ଏବଂ ଚିନ୍ତନ ଅର୍ଥାତ୍ ଏହା ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରିଥାଏ। ଅର୍ଥାତ୍ ସାହିତ୍ୟ, କଳା, ଅର୍ଥନୀତି ଏବଂ ରାଜନୀତି ଠିକ ସେହିପରି ଶୋଷିତ ଶ୍ରେଣୀର ମଧ୍ୟ। ଏହି ଦୁଇଟି ଚିନ୍ତନ ମଧ୍ୟରେ ଦ୍ୱନ୍ଦ୍ୱ। ୨୦୦୪ରେ, ଗୋଟିଏ ଦଳ ଦାବି କରିଥିଲା ଯେ ୨୦୦୦ରେ ତତ୍କାଳୀନ ସରକାରଙ୍କ ଦ୍ୱାରା ଏନସିଇଆରଟି ଇତିହାସ ପୁସ୍ତକରେ କରାଯାଇଥିବା ପରିବର୍ତ୍ତନ ବିଦ୍ୟାଳୟ ପାଠ୍ୟକ୍ରମକୁ ଭ୍ରଷ୍ଟ କରିଦେଇଥିଲା, ଯାହା ବର୍ତ୍ତମାନ ଶୁଦ୍ଧ କରାଯାଉଛି।

୨୦୧୪ ମସିହାରୁ ଏନସିଇଆରଟି ପାଠ୍ୟପୁସ୍ତକର ଚତୁର୍ଥ ପର୍ଯ୍ୟାୟ ସଂଶୋଧନ ଏବଂ ଅଦ୍ୟତନରେ ବିଦ୍ୟାଳୟ ପାଠ୍ୟକ୍ରମରେ ହୋଇଥିବା ପରିବର୍ତ୍ତନ ନେଇ ସାରା ଦେଶରେ ବିରୋଧ ହୋଇଛି। ଆଧୁନିକ ବିଜ୍ଞାନର ଦୁଇଟି ମୌଳିକ ନୀତି, ଡାରୱିନଙ୍କ ବିବର୍ତ୍ତନ ତତ୍ତ୍ୱ ଏବଂ ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ଟେବୁଲ୍, ଦଶମ ବିଜ୍ଞାନ ସିଲାବସରୁ ଅପସାରିତ ହୋଇଛି। ଦୁଇ ପ୍ରତିଷ୍ଠିତ ମୁସଲମାନ କବି ଇକବାଲ ଏବଂ ଫୈଜ ଅହମ୍ମଦ ଫୈଜଙ୍କ କବିତାଗୁଡ଼ିକୁ ହଟାଇ ଦିଆଯାଇଛି। ମୋଗଲ ଏବଂ ସୁଲତାନୀ ସମୟର ଇତିହାସ ସର୍ବନିମ୍ନକୁ ହ୍ରାସ କରାଯାଇଛି। ହୁମାୟୁନ୍, ଶାହାଜାହାନ, ଆକବର, ଜାହାଙ୍ଗୀର ଏବଂ ଔରଙ୍ଗଜେବ ଭଳି ମୋଗଲ ସମ୍ରାଟଙ୍କ କୃତିତ୍ୱ ବିଷୟରେ ବିସ୍ତୃତ ଦୁଇ ପୃଷ୍ଠାର ସାରଣୀକୁ ମଧ୍ୟ ହଟାଇ ଦିଆଯାଇଛି। ଶୀତଳ ଯୁଦ୍ଧ ଏବଂ ଅଣ-ସମନ୍ୱିତ ଆନ୍ଦୋଳନର ଯୁଗକୁ ମଧ୍ୟ ହଟାଇ ଦିଆଯାଇଛି। ଗୁଜୁରାଟରେ ଅଳ୍ପସଂଖ୍ୟକ ବିରୋଧୀ ଦଙ୍ଗାର ସବିଶେଷ ତଥ୍ୟ ଏକାଦଶ ଶ୍ରେଣୀର ସମାଜ ବିଜ୍ଞାନ ପାଠ୍ୟକ୍ରମରୁ ହଟାଇ ଦିଆଯାଇଛି। ଅଯୋଧ୍ୟା (ରାମ ମନ୍ଦିର-ବାବ୍ରି ମସଜିଦ)ସମ୍ପର୍କିତ ଚାରୋଟି ପୃଷ୍ଠାକୁ ଦୁଇ ପୃଷ୍ଠା କରାଯାଇଛି ଏବଂ ଏହା ବଦଳରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ଧ୍ୟାନ ଦିଆଯାଇଛି ଯେଉଁଠାରେ ବିବାଦୀୟ ଢାଞ୍ଚା ଠିଆ ହୋଇଥିବା ସ୍ଥାନରେ ରାମ ମନ୍ଦିର ନିର୍ମାଣ ପାଇଁ ବାଟ ଫିଟିଥିଲା। ବାବ୍ରି ମସଜିଦକୁ 'ଏକ ତିନି-ଗମ୍ବୁଜ ଢାଞ୍ଚା' ଭାବରେ ବର୍ଣ୍ଣନା କରାଯାଇଛି, ଯାହାକି ଶ୍ରୀ ରାମଙ୍କ ଜନ୍ମସ୍ଥାନରେ ୧୫୨୮ ମସିହାରେ ନିର୍ମିତ ହୋଇଥିବା ଐତିହାସିକଙ୍କ ଯୁକ୍ତି। ବାବ୍ରି ଭାଙ୍ଗିବା ଉପରେ ସମସ୍ତ ଖବରକାଗଜ କ୍ଲିପି ହଟାଇ ଦିଆଯାଇଛି। ପାଠ୍ୟ ପୁସ୍ତକଗୁଡ଼ିକରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକୁ ମଧ୍ୟ ବଦଳାଇ ଦିଆଯାଇଛି। ଏହା ଶିକ୍ଷଣ ପ୍ରକ୍ରିୟାକୁ ବିକୃତ କରିବା ଏବଂ ବିଦ୍ୟାଳୟ ଶିକ୍ଷାକୁ ଧ୍ୱଂସ ଆଡ଼କୁ ଠେଲିଦେବା ଛଡ଼ା ଆଉ କିଛି ନୁହେଁ। ଯାହା ଐତିହାସିକ ତଥ୍ୟଭିତ୍ତିକ, ତାହା ରହିବା ଆବଶ୍ୟକ।

• ଭୁବନପୁର, ଯାଜପୁର

ଦୂରଭାଷ: ୯୩୪୮୭୬୮୮୧୨

## ■ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ଶିକ୍ଷା ସପ୍ତାହ'

# ଶେଷ ଦିନରେ ବୃକ୍ଷ ଚାରାରୋପଣ

ଭୁବନେଶ୍ୱର, ୩୦।୭ (ସମିସ): ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସମାବେଶୀ ଶିକ୍ଷା, ବାଳିକା ଶିକ୍ଷା ଓ ଶିକ୍ଷା ପ୍ରତି ସଚେତନତା କରିଥିଲେ। ୭ଦିନ ଧରି ଚାଲିଥିବା 'ଶିକ୍ଷା ସପ୍ତାହ'ର ପ୍ରଥମ ଦିନକୁ ଶିକ୍ଷଣ ସାମଗ୍ରୀ ଦିବସ ଭାବେ ପାଳନ କରାଯାଇଥିବାବେଳେ ଦ୍ୱିତୀୟ ଦିବସକୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ, ତୃତୀୟ ଦିନକୁ କ୍ରୀଡ଼ା ଦିବସ, ଚତୁର୍ଥ ଦିନକୁ ସାଂସ୍କୃତିକ ଦିବସ, ପଞ୍ଚମ ଦିନକୁ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଏବଂ ଷଷ୍ଠ ଦିନକୁ 'ପରିବେଶ ସଚେତନତା ଓ ସୁରକ୍ଷା'କୁ ପ୍ରାଧାନ୍ୟ ଦେଇ ଚାରା ରୋପଣ କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପିସି ଅଗ୍ରୱାଲ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ଅଖିଳେଶ୍ୱର ମିଶ୍ର ସଂଯୋଜନା କରିଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
Newspaper Clipping
Name of Newspaper: -*The Prameya*
Date – 05.08.2024

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା ଦିବସ ଆଜି

ଭୁବନେଶ୍ୱର,୪।୮(ବ୍ୟୁରୋ): ଆସନ୍ତାକାଲି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍‌ଲାନୀ ମୁଖ୍ୟ ଅତିଥି, ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାୱତ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ବୃକ୍ଷରୋପଣ ଓ ବହୁବିଧ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

**INSTITUTE LIBRARY**
**REGIONAL INSTITUTE OF EDUCATION, BHUBANESWAR**
**Newspaper Clipping**
**Name of Newspaper: -*The Pragativadi***
**Date – 05.08.2024**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

■ ଭୁବନେଶ୍ୱର, ତା୪।୮ (ପିଏନଏସ) ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରାଯିବ। ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଏଥିପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍‌ଲାନୀ ମୁଖ୍ୟଅତିଥି ଓ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାୱତ୍ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଭିଭାଷଣ ରଖିବେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସଙ୍ଗେସଙ୍ଗେ ପୁରାତନ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ଯୋଗଦେବେ। ଏହା ସହ ବୃକ୍ଷରୋପଣ ଓ ବହୁବିଧ କାର୍ଯ୍ୟକ୍ରମ ରହିଥିବା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ସୂଚନା ଦେଇଛନ୍ତି।

INSTITUTE LIBRARY


REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: - Sahana Mela**

**Date – 06.08.202**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୦୫।୦୮(ସା.ପ୍ର.): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠାଦିବସ ଆଜି ପ୍ରତିଷ୍ଠାନ ପରିସରରେ ଥିବା ନୂତନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଏନ୍ ସିଇଆର୍ ଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷା କରିବା ସଂସ୍କୃତିର ପ୍ରସାର ଓ ପ୍ରୋତ୍ସାହନ କରିଆସେ ବୋଲି ମତଦେଇ, କେବଳ ସାର୍ଟିଫିକେଟ୍ ଓ ଡିଗ୍ରୀରେ ଶିକ୍ଷା ବ୍ୟବସ୍ଥାକୁ ସୀମିତ ନ ରଖି ଏହାକୁ ବ୍ୟାପକ କରିବା ଲକ୍ଷ୍ୟରେ କର୍ମଜୀବନୀୟ ସ୍ତରରେ ସ୍ଥାପିତ ଏନ୍ ସିଇଆର୍ ଟି ଓ ଏହାର ପାଞ୍ଚଟି ଆଞ୍ଚଳିକ ଶାଖା ଭୁବନେଶ୍ୱର, ଭୋପାଳ, ଆଜମେର, ମହୀଶୂର ଓ ଶିଲଂରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି କହିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ରେ ପ୍ରତିପାଦିତ ଭାରତୀୟ ଶିକ୍ଷାବ୍ୟବସ୍ଥାର ନବକଳେବରକୁ ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଭବ କରିବା ସହ ଏହାର ପ୍ରତିଫଳନ ଦିଗରେ ଶିକ୍ଷାର ଆଲୋକବର୍ତ୍ତିକା ହେଉ ବୋଲି ସେହି ବାର୍ତ୍ତା ପହଞ୍ଚାଇବାକୁ ନିବେଦନ କରିବା ସହ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଚଳିତ ବର୍ଷ ସର୍ବଭାରତୀୟ ନାମଲେଖାଇବା ପରୀକ୍ଷା ସଫଳତାର ସହ କରାଇଥିବାରୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ। ଉତ୍କଳରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଚରିତ୍ର ଓ ଜ୍ୟାମିତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାୟକ କହିଲେ ଯେ, ଷାଠିଏ ବର୍ଷରେ ଗୌରବମୟ ପରମ୍ପରା କି ଏଭଳି ଜାଣିବା ଥିଲା ସମୟସାପେକ୍ଷ ଅଥଚ ଏକବିଂଶ ଶତାବ୍ଦୀରେ ମୁହୂର୍ତ୍ତକ ମଧ୍ୟରେ ଆମେ ଟେକ୍ନୋଲୋଜି ଜରିଆରେ ଜାଣିପାରୁଛେ ଯାହା ସମ୍ଭବ ହୋଇଛି କେବଳ ଶିକ୍ଷା ଓ ବୈଜ୍ଞାନିକ ଜ୍ଞାନ କୌଶଳର ସଫଳତା ହେତୁ। କୃତ୍ରିମ ବୁଦ୍ଧିମତ୍ତାର ଅଭିମୁଖ୍ୟ ଓ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଏହାର ସଦୁପଯୋଗ ଉପରେ ସମସ୍ତଙ୍କୁ ନିବେଦନ ଜଣାଇଥିଲେ। ଉତ୍କଳ କବିଙ୍କ ଜେତକାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଗ୍ରୱାଲ ଷାଠିଏ ବର୍ଷର ଶିକ୍ଷା ଓ ସଫଳତା ଯାତ୍ରା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ବାଷଠିଟି ବୃକ୍ଷରୋପଣ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ହୋଇଥିଲା। ଏହି ଅବସରରେ ବିଜ୍ଞାନ ଚରିତ୍ର ଓ ଜ୍ୟାମିତି ବିଶ୍ୱବିଦ୍ୟାଳୟର ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରତିଷ୍ଠାନର ଡିନ୍, ପ୍ରଫେସର ମାଳବୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଭାରତ ଧନ୍ୟବାଦାର୍ପଣ କରିଥିଲେ।

# କବିତା ସଂକଳନ 'ଜୀବନ ନଦୀର ନାମ' ଲୋକାର୍ପିତ



ଭୁବନେଶ୍ୱର,୦୫।୦୮(ସା.ପ୍ର.): କବିଶ୍ରୀ ଶିକ୍ଷାବିତ୍, ସଂସ୍କୃତି ଗବେଷକ ତଥା ସାହିତ୍ୟିକ ଡକ୍ଟର ଡ. ମଙ୍ଗଳା ପ୍ରସାଦ ମହାନ୍ତିଙ୍କ କବିତା ସଂକଳନ 'ଜୀବନ ନଦୀର ନାମ' ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ରେ ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ଯୋଗଦେଇ କବିଶ୍ରୀ ଭାଷାତତ୍ତ୍ୱବିତ୍, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଡ. ମହାନ୍ତିଙ୍କ କବିତା ସଂକଳନ ରେ ଭାଷା ଓ ଭାବକୁ ଭୂରସୀ ପ୍ରଶଂସା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚତର ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ୱର୍ଗତଃ ମହାନ୍ତିଙ୍କ ଜୀବନର ବହୁ ଉଲ୍ଲେଖନୀୟ ଘଟଣା ସମ୍ପର୍କରେ ଉଲ୍ଲେଖ କରିବା ସହିତ ତାଙ୍କ କବିତା ଭୂମିକା ତତ୍ତ୍ୱ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। କବିଶ୍ରୀ ସିନେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଣବ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ତଥା ସମାଲୋଚକ ଡ. ରମେଶ ଚନ୍ଦ୍ର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ କର୍ମମୟ ଜୀବନ ଓ ତାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ଭାଷା ବିଜ୍ଞାନୀ ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଲୋକାର୍ପିତ କବିତା ସଂକଳନ କୁ ସମୀକ୍ଷା କରିବା ସହ କବି ପ୍ରତିଭାଙ୍କ ସାହିତ୍ୟିକ ଚେତନା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିବାବେଳେ ଶ୍ରୀଯୁକ୍ତ ସୁଭାଷ ମିଶ୍ର ଡ. ଅରବିନ୍ଦ ହୋତା, ଦୁର୍ଗା ପ୍ରସାଦ ମହାପାତ୍ର, ଡ. ସଦାନନ୍ଦ ମିଶ୍ର, ଡ. ନିରଞ୍ଜନ ମିଶ୍ର, ଶ୍ରୀମତୀ ନିବେଦିତା ମହାନ୍ତି ଓ ମହେଶ୍ୱର ଦାସ ପ୍ରମୁଖ କବିପ୍ରତିଭାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: - The Sanmarg**

**Page- 08** **Date – 06.08.2024**

ओडिशा

सन्मार्ग, भुवनेश्वर, मंगलवार, 06 अगस्त, 2024

# क्षेत्रीय शिक्षा संस्थान ने मनाया अपना 62वां स्थापना दिवस




भुवनेश्वर, (निप्र) : क्षेत्रीय शिक्षा संस्थान, भुवनेश्वर का 62वां स्थापना दिवस 05 अगस्त सोमवार को संस्थान परिसर में समारोहपूर्वक मनाया गया। इस दौरान वक्ताओं ने अपने संबोधन में शिक्षा के क्षेत्र में नवाचार पर बल दिया। संस्थान के छात्र-छात्राओं ने रंगारंग सांस्कृतिक कार्यक्रम पेश कर दर्शकों को मंत्रमुग्ध कर दिया। इस अवसर पर परिसर में पौधरोपण भी किया गया। कार्यक्रम में संस्थान के निदेशक प्रो. दिनेश सकलानी बतौर मुख्य अतिथि और दिल्ली कौशल और उद्यमिता विश्वविद्यालय के कुलपति प्रो. अशोक कुमार नागावत बतौर सम्मानित अतिथि उपस्थित रहे। दीप प्रज्वलन के बाद प्रो. मानसी गोस्वामी अधिष्ठाता, शिक्षण के संबोधन से कार्यक्रम शुरू हुआ। उन्होंने संस्थान में चल रहे विभिन्न कार्यक्रमों का विवरण पेश किया। संस्थान के प्राचार्य प्रो. प्रकाशचन्द्र अग्रवाल ने अपने संबोधन में संस्था की चहुंमुखी उन्नति के संबंध में अपनी संकल्पना प्रस्तुत की और संस्था से जुड़े सभी लोगों को संस्थान के विकास में रचनात्मक योगदान का आहवान किया। संस्थान के निदेशक प्रो. दिनेश प्रसाद सकलानी ने परिषद के विभिन्न कार्यकलापों से परिचित कराते हुए विभिन्न संस्थाओं से एमओयू करने पर बल दिया। सम्मानित अतिथि प्रो. अशोक कुमार नागावत ने सृष्टि के प्रारंभ से लेकर अब तक हुए परिवर्तनों पर प्रकाश डाला। उन्होंने कहा कि यह कृत्रिम बुद्धिमत्ता (एआइ) का दौर है और आने वाले समय में इसका और प्रभाव होगा। इसलिए हमें समसामयिक तकनीक में स्वयं को दक्ष करना होगा और अपने ज्ञान को समयानुकूल अद्यतन करना होगा। मनमोहक सांस्कृतिक कार्यक्रम के तहत छात्र-छात्राओं ने कत्थक, ओडिसी, राजस्थानी, पहाड़ी, संबलपुरी आदि शास्त्रीय व लोकनृत्य का उत्कृष्ट प्रदर्शन किया। अतिथि और प्राचार्य व अधिष्ठाता ने संयुक्त रूप से सभी सेवानिवृत्त सदस्यों को साल एवं प्रतीक चिह्न देकर सम्मानित किया। अन्त में प्रभारी प्रशासनिक अधिकारी सुशांत राउत ने धन्यवाद ज्ञापन किया। कार्यक्रम का समापन राष्ट्रगान से हुआ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: - The Statesman**

**Page- 03** **Date – 06.08.2024**

# RIE inks MoU with DESU

**STATESMAN NEWS SERVICE**
**BHUBANESWAR, 5 AUGUST:**

An MoU was signed between the Regional Institute of Education (RIE) Bhubaneswar and Delhi Skill and Entrepreneurship University (DESU) to enhance collaboration in skill development and educational programs on Monday.

The MoU was signed at a function organized to celebrate the 62nd Foundation Day of RIE. Several events were held. Prof Dinesh Prasad Saklani, Director of NCERT, and Prof. Ashok Kumar Nagawat, Vice Chancellor of DESU were the guests.

Prof. P. C. Agarwal, principal, RIE, highlighted the institute's remarkable achievements and commitment to academic excellence during the last six decades and more. Prof. Saklani emphasized the transformative role of National Education Policy (NEP) 2020 and Curriculum Frameworks in quality improvement of school education and teacher education in the country. Prof. Nagawat underscored the importance of integrating skill development and adapting to technological advancements in education.

The celebration included a felicitation ceremony honouring retired faculty and staff members for their invaluable contribution. The alumni association members were present on the occasion.

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR


**Newspaper Clipping**

**Name of Newspaper: - The Samaja & The Dharitri**

**Page- 08** **Date – 06.08.2024**

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

# 'ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଟପୋଷକତା କରିଥାଏ'



ଭୁବନେଶ୍ୱର, ୫।୮ (ନି.ପ୍ର): ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଟପୋଷକତା କରିଥାଏ ବୋଲି ସୋମବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଏନ୍‌ସିଇଆର୍‌ଟିର ନିର୍ଦ୍ଦେଶକ ପ୍ର. ଦିନେଶ ପ୍ରସାଦ ସକ୍‌ଲାନୀ ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ର. ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଅଶୋକ କୁମାର ନାଗାୱତ୍ କହିଲେ, ଷାଠିଏ ଦଶକରେ ଗୋଟିଏ ଖବର ଜାଣିବା ଥିଲା ସମୟ ସାପେକ୍ଷ। ଏକବିଂଶ ଶତାବ୍ଦୀରେ ମୁହୂର୍ତ୍ତକ ମଧ୍ୟରେ ଆମେ ଦେଶ ଦୁନିଆର ସବୁକିଛି ଜାଣିପାରୁଛେ। ଶିକ୍ଷା ଓ ବୈଷୟିକ ଜ୍ଞାନକୌଶଳର ସଫଳତା ଯୋଗୁଁ ଏହା ସମ୍ଭବ ହୋଇପାରିଛି।

ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ର. ଅଗ୍ରୱାଲ ୬୨ ବର୍ଷର ଶିକ୍ଷା ଓ ସଫଳତା ଯାତ୍ରା ବିଷୟରେ ଅବଗତ କରାଇଥିଲେ। ପ୍ରତିଷ୍ଠାନ ପରିସରରେ ୬୨ଟି ଚାରାରୋପଣ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରତିଷ୍ଠାନର ଡିନ୍ ପ୍ର. ମାନସୀ ଗୋସ୍ୱାମୀ ସ୍ୱାଗତ ସୂଚନା ଓ ପ୍ରଶାସନିକ ଅଧିକାରୀ ସୁଶାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: - The Prameya**

**Page- 12** **Date – 06.08.2024**

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ

# ଶିକ୍ଷା ସବୁବେଳେ ସଂସ୍କୃତିର ପ୍ରସାର କରେ



ଭୁବନେଶ୍ୱର,୫।୮(ବ୍ୟୁରୋ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ସିଇଆରଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍‌ଲାନୀ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ୍‌ରେ ଯୋଗ ଦେଇଥିଲେ।

ପ୍ରଫେସର ସକ୍‌ଲାନୀ କହିଲେ, ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଠପୋଷକତା କରିଥାଏ। କେବଳ ସାର୍ଟିଫିକେଟ୍ କିମ୍ବା ଡିଗ୍ରୀରେ ଶିକ୍ଷା ବ୍ୟବସ୍ଥାକୁ ସୀମିତ ନରଖି ଏହାକୁ ବ୍ୟାପକ କରିବାକୁ ପଡ଼ିବ। ଏହି ଲକ୍ଷ୍ୟ ନେଇ ସର୍ବ ଭାରତୀୟ ସ୍ତରରେ ସ୍ଥାପିତ ଏନ୍‌ସିଇଆର୍‌ଟି ଓ ୫ ସକ୍ରିୟ ଶାଖାକୁ କାର୍ଯ୍ୟକାରୀ କରାଯାଉଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ପ୍ରତିଫଳିତ ଭାରତୀୟ ଶିକ୍ଷା ବ୍ୟବସ୍ଥାର ନବକଳେବରକୁ ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଭବ କରିବା ସହ ଏହାର ପ୍ରତି ପୃଷ୍ଠାକୁ ଶିକ୍ଷାର ଆଲୋକବର୍ତ୍ତିକା କରିବାକୁ ନିବେଦନ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଚଳିତବର୍ଷ ସର୍ବଭାରତୀୟ ନାମଲେଖା ଚୟନ ପରୀକ୍ଷା ସଫଳତାର ସହ କରାଇଛି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାୱାତ୍ କହିଲେ, ଷାଠିଏ ଦଶକରେ ଗୋଟିଏ ଖବର ଜାଣିବା ଥିଲା ସମୟସାପେକ୍ଷ। ମାତ୍ର ଏକବିଂଶ ଶତାବ୍ଦୀରେ ମୁହୂର୍ତ୍ତକ ମଧ୍ୟରେ ଆମେ ଦେଶ ଦୁନିଆର ସବୁକିଛି ଜାଣିପାରୁଛେ। ଏହା କେବଳ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳର ସଫଳତା ପାଇଁ ସମ୍ଭବ ହୋଇଛି। ସେହିପରି କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ରହିଛି। ଏହାକୁ ସଦୁପଯୋଗ କରିବା ଆବଶ୍ୟକ।

ଏହି ଅବସରରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ୬୨ଟି ଚାରା ରୋପଣ କରାଯାଇଛି। ସେହିପରି ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟ ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଡିନ୍ ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଛନ୍ତି। ଡ. କଳିଙ୍ଗ କେତକୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
NEWSPAPER CLIPPING
NAME OF NEWSPAPER: - TIMES OF INDIA
PAGE - 07 DATE – 08.08.2024

# BJP denies Cong claim of Preamble removal from NCERT texts

TIMES NEWS NETWORK

**New Delhi:** In Rajya Sabha on Wednesday, Congress raised concerns about the removal of the Preamble from certain NCERT textbooks, alleging an attempt to impose a communal ideology on the nation. Union minister J P Nadda refuted the claim, asserting the govt's commitment to safeguarding the Constitution.

In response to a separate question by Congress leader Pramod Tiwary on the Right to Education (RTE), Pradhan appealed to state govts to implement the provision mandating 25% seats for children from economically weaker sections in private unaided schools. He informed RS that states such as Punjab, Kerala, Telangana, and West Bengal have not implemented this RTE provision. Pradhan emphasised that education is a concurrent subject and both central and state govts should strive to provide school education up to class XII for all.

RS LoP and Congress president Mallikarjun Kharge, emphasised the importance of educating citizens, especially the younger generation, about foundational principles and values of Indian democracy and the Constitution, as well as the sacrifices made by freedom fighters. "RSS and BJP are trying to impose their communal ideology on people by tampering with curriculum. And the step taken by NCERT is not right," he said amid protests from the ruling side.




Union min Dharmendra Pradhan in Parliament on Wednesday


Leader of the House and BJP president Nadda, stated that while he had not personally reviewed the NCERT textbooks or the changes, he could confidently affirm there was no intention to undermine the Constitution. He highlighted that it was under the Modi govt that Nov 26, the day of the Constituent Assembly debate, was declared Constitution Day. Nadda also criticised Congress for the Emergency in 1975 and dismissing over 90 elected state govts, violating the Constitution.


Following Zero Hour, education minister Dharmendra Pradhan clarified the facts, informing the House that textbooks up to class VII have been published so far. He stated, "The leader of the opposition was saying that earlier there used to be Preamble (in the texts). In the new textbooks of class VI, there is Preamble. Not only Preamble, there is Fundamental Duties, Fundamental Rights, and National Anthem (in the books). These also represent core values of the Constitution and they are in the books. What he said wasn't a fact."

# INSTITUTE LIBRARY
# REGIONAL INSTITUTE OF EDUCATION, BHUBANESWAR
## <u>Newspaper Clipping</u>
**Name of Newspaper: -*PIB Bhubaneswar*** **_Date_ –23.08.2024**

India is celebrating the success of Chandrayaan 3 mission by observing National Space Day on 23rdAugust 2024. On the eve of the same, Regional Institute of Education, a premier teacher education institution is organizing a series of activities i.e. Painting and Quiz competitions amongst students and Expert talk on the theme of "Touching Lives while Touching the Moon: India's Space Saga". On this occasion, today painting and quiz competitions have been successfully organized inviting enthusiastic participation from students and faculty. Student showed their creativity and inquisitiveness through their active participation. An expert talk from an eminent Physicist Prof. L P. Singh has been scheduled tomorrow 23rd August 2024. In collaboration with Alumni Association of the Institute another talk on the subject of Global Environment Scenario by Prof. J. K. Panigrahi Secretary, Environment Society is also scheduled.





**INSTITUTE LIBRARY**
**REGIONAL INSTITUTE OF EDUCATION, BHUBANESWAR**
**Newspaper Clipping**
**Name of Newspaper: - *The Sahana Mela***
**Date – 23.08.2024**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଭାରତୀୟ ଅନ୍ତରୀକ୍ଷ ଦିବସ ଉତ୍ସବ

ଭୁବନେଶ୍ୱର,୨୨।୦୮(ସା.ପ୍ର.): ଭାରତର ଚନ୍ଦ୍ରଅଭିଯାନର ସଫଳତାକୁ ନେଇ ପ୍ରତିବର୍ଷ ଅଗଷ୍ଟମାସ ୨୩ ତାରିଖକୁ ଭାରତୀୟ ଅନ୍ତରୀକ୍ଷ ଦିବସ ପାଳନ କରାଯିବାକୁ ଭାରତ ସରକାର ସ୍ଥିର କରିଥିବାରୁ ଏହି ଅବସରରେ ଆଜି ଦିବସର ଅବ୍ୟବହିତ ପୂର୍ବରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଉଦଘାଟନ କରି ବିଜ୍ଞାନର ସଫଳତା ଭାରତକୁ ସମଗ୍ର ବିଶ୍ୱରେ ସର୍ବଦା ସ୍ୱତନ୍ତ୍ର ସ୍ଥାନ ଦେଉଛି, ବିଶେଷକରି ଚନ୍ଦ୍ରଯାନ ଯେଉଁଳି ପ୍ରଥମଥର ପାଇଁ ଚନ୍ଦ୍ରର ଦକ୍ଷିଣରେ ସଫଳତାର ସହ ପହଞ୍ଚିଥିଲା ତାହା ଅବିସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ସିଦ୍ଧାର୍ଥ ଦ୍ୱିବେଦୀ ସଂଯୋଜନା କରିଥିବାବେଳେ ଡକ୍ଟର ସୁଶାନ୍ତ କୁମାର ସିଂ ଓ ଡକ୍ଟର ଅନୁସୂୟା ରାଉତ ସହଯୋଗ କରିଥିଲେ। କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡକ୍ଟର ଅଂଶେଶ କୁମାର ପାଣ୍ଡେ। ଆସନ୍ତା କାଲି ଭାରତୀୟ ଅନ୍ତରୀକ୍ଷ ଦିବସ ପାଳନ ଅବସରରେ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ ଓ ଡ଼କ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଭାରତର ବିଜ୍ଞାନ ସଫଳତା ଉପରେ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଛି।



# INSTITUTE LIBRARY
# REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -** ***The Sakala***

**Date – 23.08.2024**

## ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା


ଭୁବନେଶ୍ୱର, ୨୨।୮ (ସମିସ): ଦେଶର ଚନ୍ଦ୍ର ଅଭିଯାନର ସଫଳତାକୁ ମନେ ପକାଇ ଜାତୀୟ ଅନ୍ତରୀକ୍ଷ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରି ଦେଶ ବିଦେଶ ଓ ମହାକାଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବଢ଼ାଇବାକୁ ପ୍ରୟାସ କରାଯାଇଛି। ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଜ୍ଞାନର ସଫଳତା ଭାରତକୁ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦେଇଥିବା କହିଛନ୍ତି। ପ୍ରଥମଥର ପାଇଁ ଚନ୍ଦ୍ରଯାନ ଦକ୍ଷିଣ ମେରୁରେ ପହଞ୍ଚିବା ଅବିସ୍ମରଣୀୟ ବୋଲି କହିଛନ୍ତି। ଡଃ ସିଦ୍ଧାର୍ଥ ଦ୍ୱିବେଦୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡଃ ସୁଶାନ୍ତ ସିଂ ଓ ଡଃ ଅନୁସୂୟା ରାଉତ, ଡଃ ଅବେଶ କୁମାର ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**INSTITUTE LIBRARY**
**REGIONAL INSTITUTE OF EDUCATION, BHUBANESWAR**
**Newspaper Clipping**
**Name of Newspaper: - *The Nirbhay Daily***
**Date – 24.08.2024**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଭାରତୀୟ ମହାକାଶ ଦିବସ ପାଳିତ

**ନିର୍ଭୟ ମିଡିଆ : ଭୁବନେଶ୍ୱର**

ଯୁବ ମନସ୍କତା ତ୍ୟାଗ କରି ଆଧୁନିକ ମଣିଷ ଯଦି ମହାକାଶର ବୈଚିତ୍ର୍ୟ ଉପରେ ଅଧିକ ଗବେଷଣାରେ ନିମଗ୍ନ ହୁଅନ୍ତା, ତେବେ ପୃଥିବୀ ଅଧିକ ଆକର୍ଷଣୀୟ ଓ ଆପଣାର ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି । ଶୁକ୍ରବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଭାରତୀୟ ମହାକାଶ ଦିବସ ପାଳନ ଅବସରରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ କହିଥିଲେ ଯେ, ଚନ୍ଦ୍ର ସବୁବେଳେ ଦେଶ ବିଦେଶର ସୃଜନଶୀଳସ୍ରଷ୍ଟାଙ୍କ ସହ ଗବେଷଣାପ୍ରିୟ ବିଜ୍ଞାନୀମାନଙ୍କୁ ଆକୃଷ୍ଟ କରିଆସିଛି ଓ ଭାରତର ଚନ୍ଦ୍ର ଅଭିଯାନ ସହ ମହାକାଶ ଗବେଷଣା ସର୍ବଦା ପ୍ରଶଂସନୀୟ । ଅନ୍ୟତମ ବକ୍ତା ବିଶିଷ୍ଟ ପରିବେଶ ବିଜ୍ଞାନୀ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ସବୁଜିମା ଭରାଏ ସୁନ୍ଦର ଧରଣୀକୁ ଆମେ କିପରି କ୍ଷତାକ୍ତ ଓ ନଷ୍ଟ କରୁଛେ ତାର ଦୃଷ୍ଟାନ୍ତଦେଇ ମା ନାଁରେ ଗଛଟିଏ



ଲଗାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାକାର କରିବାକୁ ନିବେଦନ କରିଥିଲେ। ଭାରତୀୟ ମହାକାଶ ଦିବସ ସହ ଜାତୀୟ ଶିକ୍ଷା ନୀତିର ପରିବର୍ଦ୍ଧିତ ବିଷୟ ଏକ ସଂଯୋଗ ବୋଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମତବ୍ୟକ୍ତ କରି ଏହା ଭାରତର ଗୌରବକୁ ବହୁଗୁଣିତ କରିଛି ବୋଲି କହିଥିଲେ। ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ, ପୁରାତନ ଛାତ୍ର ସଂଘର ସଭାପତି ଡକ୍ଟର ହାଡିବନ୍ଧୁ ପଟ୍ଟନାୟକ ଭାରତୀୟ ମହାକାଶ ଦିବସ ପାଳନର ଯଥାର୍ଥତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଏନ.ସି.ଇ.ଆର.ଟି ପକ୍ଷରୁ ଭାରତର ଚନ୍ଦ୍ର ଅଭିଯାନ ଉପରେ ନିର୍ମିତ ଏକ ବୃତ୍ତଚିତ୍ର ପ୍ରଦର୍ଶନ ହେବାସହ ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ମହାକାଶ ସମ୍ବନ୍ଧୀୟ ଚିତ୍ରାଙ୍କନ ଓ କୁଇଜର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଡକ୍ଟର କଳିଙ୍ଗ କେତକୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଡ. ସିଦ୍ଧାର୍ଥ ଦ୍ୱିବେଦୀ, ଡ. ଅନସୂୟା ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**INSTITUTE LIBRARY**
**REGIONAL INSTITUTE OF EDUCATION, BHUBANESWAR**
**<u>Newspaper Clipping</u>**
**Name of Newspaper: - *The Dharitri***
**Date – 24.08.2024**

# ଭାରତର ଚନ୍ଦ୍ର ଅଭିଯାନ ସର୍ବଦା ପ୍ରଶଂସନୀୟ

ଭୁବନେଶ୍ୱର,୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ଜାତୀୟ ମହାକାଶ ଦିବସ' ଶୁକ୍ରବାର ପାଳିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ କହିଲେ, ଚନ୍ଦ୍ର ସବୁବେଳେ ଦେଶ ବିଦେଶର ସୃଜନଶୀଳ ସ୍ରଷ୍ଟାଙ୍କ ସହ ଗବେଷଣାପ୍ରିୟ ବିଜ୍ଞାନୀମାନଙ୍କୁ ଆକୃଷ୍ଟ କରିଆସିଛି। ଭାରତର ଚନ୍ଦ୍ର ଅଭିଯାନ ସହ ମହାକାଶ ଗବେଷଣା ସର୍ବଦା ପ୍ରଶଂସନୀୟ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ଜୟକୃଷ୍ଣ ପାଣିଗ୍ରାହୀ ସବୁଜିମା ଭରା ଏହି ସୁନ୍ଦର ଧରଣୀକୁ ଆମେ କିଭଳି କ୍ଷତାକ୍ତ ଓ ନଷ୍ଟ କରୁଛେ ତା'ର ଦୃଷ୍ଟାନ୍ତ ଦେଇ ମା'ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାକାର କରିବାକୁ ନିବେଦନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ଓ ପୁରାତନ ଛାତ୍ର ସଂଘ ସଭାପତି ଡ. ହାଡିବନ୍ଧୁ ପଟ୍ଟନାୟକ ଭାରତୀୟ ମହାକାଶ ଦିବସ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏନ୍‌ସିଇଆର୍‌ଟି ପକ୍ଷରୁ ଭାରତର ଚନ୍ଦ୍ର ଅଭିଯାନ ଉପରେ ନିର୍ମିତ ଏକ ବୃତ୍ତଚିତ୍ର ପ୍ରଦର୍ଶନ ହେବାସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ମହାକାଶ ସମ୍ବନ୍ଧୀୟ ଚିତ୍ରାଙ୍କନ ଓ କୁଇଜର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. କଳିଙ୍ଗ କେତକୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ମହାକାଶ ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

INSTITUTE LIBRARY


REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Pragatibadi***

**Date-12.09.2024** **Page No: 09**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର କ୍ୟାରିୟର ପ୍ରଦର୍ଶନୀ



■ ଭୁବନେଶ୍ୱର, ତା ୧୧।୯(ପିଏନଏସ) ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୧ ଠାରେ ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥିଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ଏହାକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଠନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହକାରୀ କମିଶନର ବିରବଲ ଧିନୱା ଯୋଗଦେଇ ଏକବିଂଶ ଶତାବ୍ଦୀରେ ତରୁଣ ପିଢ଼ିକୁ ଅଗ୍ରସର କରାଇବା ଲାଗି ପ୍ରେରଣା ଓ ଦିଗଦର୍ଶନ କିଭଳି ସହାୟକ ହୋଇପାରିବ ତାହା ବୁଝାଇ କହିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ପଣ୍ଡା ଉପସ୍ଥିତ ଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରାରମ୍ଭରେ ଉପାଧ୍ୟକ୍ଷା ମନୀଷ କୁମାର ପଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ସଂଯୋଜିକା ତଭି ଶଶିକଳା ଧନ୍ୟବାଦ ଦେଇଥିଲେ ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
**Newspaper Clipping**

**Name of Newspaper: -**
***The Dharitri***

**Date- 12.09.2024** **Page No: 08**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ କ୍ୟାରିୟର ପ୍ରଦର୍ଶନୀ

**ଭୁବନେଶ୍ୱର, ୧୧।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ ବୁଧବାର ପି. ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ରେ ଉଦ୍‌ଘାଟିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଏହାକୁ ଉଦଘାଟନ କରି ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ଦିଗଦର୍ଶନ, ପରାମର୍ଶ ଓ ପ୍ରୋତ୍ସାହନ ଆଦିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହକାରୀ କମିଶନର ବିରବଲ ଧିନୱା ଏକବିଂଶ ଶତାବ୍ଦୀରେ ତରୁଣପିଢ଼ିଙ୍କୁ ଅଗ୍ରସର କରାଇବାପାଇଁ ପ୍ରେରଣା ଓ ଦିଗଦର୍ଶନ କିଭଳି ସହାୟକ ହୋଇପାରିବ ସେସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ମନୀଷ କୁମାର ପଲ ସ୍ୱାଗତ ଭାଷଣ ଓ ସଂଯୋଜିକା ଡ. ଭି. ଶଶିକଳା ଧନ୍ୟବାଦ ଅର୍ପଣ କରିଥିଲେ।

**Name of Newspaper: -**
***The Sakala***

**Date- 13.09.2024** **Page No: 11**

# କେଭି-୧ରେ କ୍ୟାରିୟର ପ୍ରଦର୍ଶନୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୨।୯ (ସମିସ): ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ସାମ୍ବାଦିକତା, କୃଷି, ଶିକ୍ଷା, ବିଜ୍ଞାନ ଓ ଗବେଷଣା, ମନସ୍ତତ୍ତ୍ୱ ପରି ୪୮ରୁ ଅଧିକ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ବିଭିନ୍ନ ମାର୍ଗ ସମ୍ପର୍କରେ ଅବଗତ କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି। ବ୍ୟକ୍ତିତ୍ୱ ବିକାଶ ପାଇଁ ପରାମର୍ଶ ଦେବା ସହ ସଠିକ୍ ପଥରେ ଯାଇ ପ୍ରତିଷ୍ଠିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସହକାରୀ କମିଶନର ବୀରବଲ ଧିନୱା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀରେ ଯୁବପିଢ଼ିଙ୍କୁ ଆଗକୁ ନେଇ ଦେଶ ଗଠନରେ ସହାୟକ ହେବା ପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି। କାର୍ଯ୍ୟକ୍ରମର ସଂଯୋଜକ ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା କ୍ୟାରିୟର ପ୍ରଦର୍ଶନୀର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶକ ବୋଲି କହିଥିଲେ। ଉପାଧ୍ୟକ୍ଷ ମନୀଷ କୁମାର ପାଲ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ସଂଯୋଜିକା ଡ. ଭି. ଶଶିକଳା ଧନ୍ୟବାଦ ଅର୍ପଣ କରିଥିଲେ।

INSTITUTE LIBRARY


REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Sambad Kalika***

**Date-13.09.2024** **Page No: 01**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର କ୍ୟାରିୟର୍ ପ୍ରଦର୍ଶନୀ ଉଦ୍‌ଘାଟିତ



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଏକ ଦୁଇଦିନିଆ କ୍ୟାରିୟର୍ ପ୍ରଦର୍ଶନୀ ଆଜି ପି. ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନ.- ୧ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ କ୍ୟାରିୟର୍ ଗଠନ ଦିଗରେ ଦିଗ୍‌ଦର୍ଶନ, ପରାମର୍ଶ ଓ ପ୍ରୋତ୍ସାହନ ଆଦିର ଆବଶ୍ୟକତା ଉପରେ ଗୁରତ୍ୱାରୋପ କରି ବ୍ୟକ୍ତିତ୍ୱ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସହକାରୀ କମିଶନର ବିରବଲ୍ ଧ୍ୱନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକବିଂଶ ଶତାବ୍ଦୀରେ ତରୁଣପିଢ଼ିକୁ ଅଗ୍ରସର କରାଇବାପାଇଁ ପ୍ରେରଣା ଓ ଦିଗ୍‌ଦର୍ଶନ କିଭଳି ସହାୟକ ହୋଇପାରିବ ତାହା ବୁଝାଇ କହିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା କ୍ୟାରିୟର ପ୍ରଦର୍ଶନୀର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଦର୍ଶନୀର ଗୁରୁତ୍ୱ ଥିବା କହିଥିଲେ । ପ୍ରାରମ୍ଭରେ ଉପାଧକ୍ଷା ମନୀଷ କୁମାର ପଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଶେଷରେ ସହ ସଂଯୋଜିକା ଡ. ଭି. ଶଶିକଳା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦୁଇଦିନିଆ ପ୍ରଦର୍ଶନୀରେ ସାମ୍ବାଦିକତା, କୃଷି, ଶିକ୍ଷା, ବିଜ୍ଞାନ ଓ ଗବେଷଣା, ମନସ୍ତତ୍ତ୍ୱ ଆଦି ୪୮ରୁ ଅଧିକ କ୍ଷେତ୍ରରେ କ୍ୟାରିୟର କଥା ପ୍ରଦର୍ଶିତ ହୋଇଛି ।

# INSTITUTE LIBRARY
# REGIONAL INSTITUTE OF EDUCATION, BHUBANESWAR
## Newspaper Clipping

**Name of Newspaper: -*PIB Bhubaneshwar*** **Date – 02.10.2024**


(https://pib.gov.in/PressReleasePage.aspx?PRID=2061143)

To honour the legacy of two great leaders of the nation,Mahatma Gandhi and Lal Bahadur Shastri. RIE, Bhubaneswar celebrated their birth anniversary on 2nd October 2024 in the Conference Hall. The occasion was marked by a cleanliness drive as part of Swachhata Abhiyan campaign. Led by Prof. P. C. Agarwal, Principal, Prof. Manasi Goswami, Dean of Instructions, the staff members and students paid floral tributes. Prof.P.C.Agarwal, Principal, addressing the students and staff, spoke about the importance of understanding true potential of Gandhian philosophy, universal values and his experiments on education. His teachings on non-violence, peace, justice, and equality continue to inspire the country and world. The values of simplicity, honesty and dedication of Lal Bahadur Shastri will continue to inspire future generations, he said.

Prof.Manasi Goswami, Dean of Instructions in her address outlined the learning's from the life and philosophy of the two great leaders by future teachers and teacher educators. The students and staff in their speech mentioned about the life history and contributions of Mahatma Gandhi and Lal Bahadur Shastri for the nation. The welcome address was given by Dr.Kalinga Ketaki, Coordinator and Head, Department of Social Science and Humanities of the Institute. Head of the Department of Education, Prof.Laxmidhar Behera and Headmaster Demonstration Multipurpose (DM) School,Shri A.Mishra were present on the occasion.Shri. Phool Chand Meena, Administrative Officer offered the vote of thanks.







INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper - Nitidin** **Page no.-04** **Dt.-02/11/2024**

ନିତିଦିନ NITIDIN
BHUBANESWAR - 02 Nov 2024 - Page 4

# ରାଷ୍ଟ୍ରୀୟ ଏକତା ଦିବସ, ଶପଥପାଠ





ଭୁବନେଶ୍ୱର,୧।୧୧/ଏନ୍ଏନ୍ଏସ୍: ରାଜଭବନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଲୌହମାନବ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥାଏ। ଏହି ଉପଲକ୍ଷେ ରାଜଭବନର ଅଭିଷେକ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ରାଜଭବନର ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କିତ ଶପଥପାଠ କରାଇଥିଲେ। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା, ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କାର୍ଯ୍ୟକରିବାକୁ କର୍ମଚାରୀମାନେ ସଂକଳ୍ପ ନେଇଥିଲେ।

ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ସହଯୋଗରେ ଦେଶର ଏକତା, ଅଖଣ୍ଡତା ଏବଂ ନିରାପତ୍ତା ସୁଦୃଢ଼ ପାଇଁ ମିଳିତ ପ୍ରତିଶ୍ରୁତି ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଏକ ଦୃଢ଼ ତଥା ନିରାପଦ ରାଷ୍ଟ୍ର ଗଠନ ପାଇଁ ଏକତା ଏବଂ ଅଖଣ୍ଡତାର ମୂଲ୍ୟବୋଧ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିବାକୁ ଏହି କାର୍ଯ୍ୟକ୍ରମ ଉଭୟ ବିଭାଗର ସଦସ୍ୟଙ୍କୁ ଏକତ୍ରିତ କରିଥିଲା। ଶ୍ରୀମତୀ ପାଢ଼ୀ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ତଥା ଦେଶକୁ ଏକତ୍ର ବାନ୍ଧି ରଖିଥିବା ନୀତିଗୁଡ଼ିକୁ ସମର୍ଥନ କରିବା ପାଇଁ ବିଭାଗଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରିବାର ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ କାର୍ଯ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ନିଗମର ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ଜାତୀୟତାର ଓ ରାଷ୍ଟ୍ରୀୟ ଏକତାର ଶପଥପାଠ କରାଯାଇଥିଲା। ତତ୍ପରେ ମୁଖ୍ୟ ଯନ୍ତ୍ରୀ ଦେବେନ୍ଦ୍ର ସେଠ୍ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତ୍ୟାଗପୂତ ଜୀବନ ଓ ଦେଶଭକ୍ତି ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ପରେ ପରେ ତାଙ୍କ ଆଦର୍ଶ ଓ ଦୂରଦୃଷ୍ଟି ଉପରେ ଆଲୋକପାତ କରିଥିଲେ "ଲକ୍ଷ୍ମୀଧର ମହାରଣା , ପ୍ରତାପ ଚନ୍ଦ୍ର ବେହେରା ଓ ଅଭିନବ କୁଳଦୀପ ଲେଙ୍କା"। ଶେଷରେ ଉପସ୍ଥିତ କର୍ମଚାରୀ ବୃନ୍ଦ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ମାର୍ଗଦର୍ଶନରେ ନିଗମର ଉତ୍ତରୋତ୍ତର ଉନ୍ନତି ଲାଗି ନିଜକୁ ଯଥା ସମ୍ଭବ ନିୟୋଜିତ କରିବାକୁ ନିଷ୍ପତି ନେଇଥିଲେ।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ

ଶିକ୍ଷକମାନେ ଦେଶ ଓ ଜାତିର ନିର୍ମାତା ହୋଇଥିବାରୁ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନରେ ସେମାନଙ୍କର ଭୂମିକା ସର୍ବଦା ଅଗ୍ରଗଣ୍ୟ ବୋଲି ବରିଷ୍ଠ ପୁଲିସ ପ୍ରଶାସକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରିୟଦର୍ଶୀ ସାଲିଆସାହିରୁ ସିଙ୍ଗାପୁର ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଦେଇ ସାମାଜିକ ସନ୍ତୁଳନ କିଭଳି ପରିବେଶକୁ ପରିବ୍ୟାପ୍ତ କରେ ତାହା ଦର୍ଶାଇଥିଲେ। ବ୍ୟକ୍ତିଗତ ସ୍ୱାର୍ଥସାଧନ ସର୍ବଦା ଦୁର୍ନୀତିର ମୂଳ କାରଣ ହୋଇଥିବାରୁ ଛାତ୍ରଛାତ୍ରୀଗଣ ବ୍ୟକ୍ତିର ଉର୍ଦ୍ଧ୍ୱରେ ଦେଶ, ଜାତି, ଗୋଷ୍ଠୀ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧକ୍ଷତା କରି ବିକାଶଶୀଳ ପରିବେଶକୁ ବିକଶିତରେ ପରିବର୍ତ୍ତନ କରିବାକୁ ହେଲେ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଦୁର୍ନୀତିକୁ ଦୂରେଇବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସମ୍ଭାଷଣ ଓ ଡ. କଳିଙ୍ଗ କେତକୀ ଧନ୍ୟବାଦାର୍ପଣ କରିଥିଲେ। ଏହି ଅବସରରେ ଦୁର୍ନୀତିମୁକ୍ତ ପାଇଁ ଶପଥପାଠ, ଗଣଦୌଡ଼ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଭାଗ ଅଧିକାରୀ ଅଶୋକ କୁମାର ବଳିଆରସିଂ ପରିଚାଳନାରେ ସହଯୋଗ କରିଥିଲେ।




INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

## Newspaper Clipping

**Name of News Blog – The Orissadiary** **Dt.-04/11/2024**






BHUBANESWAR CITY

# Extension Lecture Orgainsed Under Vigilance Awreness Week By Rie Bhubaneswar

By OdiaBytes · On Nov 1, 2024

Share

On November 1, 2024, RIE Bhubaneswar organized Vigilance Awareness Week-2024 with an extension lecture by Sri Soumendra Priyadarshi, IPS, Additional Director General of Police and CMD of OPHWC, Bhubaneswar, titled "Culture of Integrity for Nation's Prosperity."

Prof.P.C.Agarwal, Principal of the Institute presided the meeting and addressed the students, faculty and staff. He outlined the role of prospective teachers in uphold integrity and promoting ethics and transparency among future generations.

In his talk, Sri Priyadarshi dealt with the critical issue of corruption in India, stressing the need for integrity as the bedrock for growth of the nation. He acknowledged the difficulties that corruption brought but sounded hopeful, pointing to the younger generation and the educators in creating an honest society. Sri Priyadarshi emphasized that a corruption-free India is achievable if the people, especially students, become committed to honesty, as honesty is seen as an essential component of Viksit Bharat, or Developed India.

The speaker Sri Priyadarshi praised the teachers as key stakeholders in this process, who are supposed to shape the characters of the students and imbue them with integrity values that can prevent corruption from grass-root level. He inspired the students to adopt and practice transparency in all their acts and decisions. The session concluded with a very interactive Q&A, wherein the participants interacted with Sri Priyadarshi on how to prevent corruption in day-to-day life. Thus, the event sought active support for a prosperous corruption-free India in line with an even brighter future for the country.

Prof, M.Goswami, Dean of Instructions presented the welcome address in the programme Coordinated by Prof.Laxmidhar Behera, Head, Department of Education .Dr Kalinga Ketaki,Head,DESSH presented the vote of thanks.The programme was attended by staff and students of the Institute.

Recent Posts



Fenesta expands its retail presence in Rayagada

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR


**Newspaper Clipping**

**Name of Newspaper – The Sakala**

**Page no.-10 Dt.-04/11/2024**

ସକାଳ
THE SAKALA
Bhubaneswar - 04 Nov 2024 - Page 10

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସପ୍ତାହ



ଭୁବନେଶ୍ୱର,୩।୧୧(ସମିସ): ଶିକ୍ଷକ ହେଉଛନ୍ତି ଦେଶ ଓ ଜାତିର ନିର୍ମାତା। ଦୁର୍ନୀତି ମୂଳୋତ୍ପାଟନରେ ସେମାନଙ୍କର ପ୍ରମୁଖ ଭୂମିକା ରହିଥିବା କହିଛନ୍ତି ପୁଲିସ୍ ଡିଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଶୁକ୍ରବାର ଅନୁଷ୍ଠିତ ଦୁର୍ନୀତି ନିବାରଣ ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରିୟଦର୍ଶୀ ସାମାଜିକ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ସାଲିଆସାହିରୁ ସିଙ୍ଗାପୁର ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଦେଇଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥସାଧନ ଦୁର୍ନୀତିର ମୂଳ କାରଣ। ଏସବୁରୁ ଉର୍ଦ୍ଧ୍ୱରେ ରହିବା ସହ ଆଚରଣ ଓ ଉଚ୍ଚାରଣରେ ସମାନତା ଏବଂ ମାନସିକତାରେ ପରିବର୍ତ୍ତନ ଆସିଲେ ଦୁର୍ନୀତିକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ କାର୍ଯ୍ୟକ୍ରମକୁ ଅଧକ୍ଷତା କରି ବିକାଶଶୀଳରୁ ବିକଶିତ ହେବାକୁ ହେଲେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଦୁର୍ନୀତିକୁ ରୋକିବାକୁ ପଡ଼ିବ ବୋଲି କହିଛନ୍ତି। ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. କଳିଙ୍ଗ କେତକୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଶପଥପାଠ, ଗଣଦୌଡ଼ ପରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ସଚେତନତା କରାଯାଇଛି।

# State to implement NEP-2020 from current academic session

New curriculum, course duration will be introduced in varsities, colleges

EXPRESS NEWS SERVICE
@ Bhubaneswar

THE state government will implement the National Education Policy (NEP)-2020 in higher education from the current academic year.

This was decided by Chief Minister Mohan Charan Majhi on Saturday.

Under NEP-2020, a new curriculum will be introduced in all government universities and their affiliated colleges that come under the Higher Education department.

As per the new policy, regular three-year graduation will be increased to four years under which a student can earn a certificate, diploma, degree and degree honours after completion of each year. Students will get the flexibility of completing their degree course in seven years as they will be provided the option of multiple entry and exit from their institution.

Students who complete four-year bachelor's degree with honours or honours with research would be eligible for a one-year master's programme. Those who complete a three-year bachelor's programme may be eligible for a two-year masters programme, with the second year dedicated to research, officials said.

Besides, as per University Grants Commission (UGC) guidelines, a credit framework has been developed to provide credits to students who involve themselves in skill development and internship. Community service and extra-curricular activities, NCC and NSS will also help the students earn credits.


Aiming at making the higher education sector qualitative, autonomous and inclusive, the NEP has been designed in a way to promote research and innovation through various schemes, practical-based learning and skill development through internships in industry.

New courses have been designed which are employment-oriented and tailored to meet industry needs, officials added.

Two skill development courses, 112 multi-disciplinary courses, 14 vocational courses, 56 value-added courses and 84 skill development courses have been approved to be included in 40 undergraduate core subjects. A model syllabus has been prepared for these courses.

In school education, the state government had recently reconstituted a task force for implementation of NEP.

The task force under the chairmanship of development commissioner Anu Garg will suggest the measures to be taken up for implementation of the policy.



It includes 13 ex-officio members and expert members as special invitees from organisations such as UNICEF, Central Square Foundation (CSF), AKSHARA Foundation, Language Learning Foundation (LLF), PRATHAM, and a nominee from the Higher Education department.

**HIGHLIGHTS**

- 4-year graduation degree with option for multiple entry and exit
- **1-year PG after completing 4-year degree with honours**
- 2-year PG if opting for 3-year bachelor degree
- **Academic credit framework for students**
- Internship option in graduation
- **New multi-disciplinary courses**

*For school education, the state government has also recently reconstituted a task force for implementation of NEP*

Officials

**INSTITUTE LIBRARY**


**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - PRAMEYA**

**PAGE –14** **DATE –27. 11.2024**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ




ଭୁବନେଶ୍ୱର,୨୬।୧୧(ବ୍ୟୁରୋ): ଭାରତୀୟ ସମ୍ବିଧାନ କେବଳ ଗୋଟି ନିୟମର ଏକ ସଂକଳନ ନୁହେଁ। ଏହା ଭାରତୀୟ ଗଣତନ୍ତ୍ରର ଆଧାରଶିଳା। ବିଶ୍ୱର ବୃହତ୍ତମ ସମ୍ବିଧାନ ଭାବେ ପ୍ରତିଷ୍ଠା ପାଇଁ ବିଭିନ୍ନ ବୈଶିଷ୍ଟ୍ୟ ରହିଥିବା ଭାରତୀୟ ସମ୍ବିଧାନ ଶାନ୍ତି ଓ ସଂହତିର ମାର୍ଗଦର୍ଶିକା। ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ଭାରତୀୟ ସମ୍ବିଧାନ ଦିବସ ଅବସରରେ ଅତିଥିମାନେ ଏପରି କହିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ବିଜୟ କୁମାର ବହିଦାର ଯୋଗ ଦେଇ ସମ୍ବିଧାନର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ଶିକ୍ଷାର୍ଥୀ ପ୍ରଶାନ୍ତି ଦାସ, ବିଦ୍ୟା ବିଶାଳ, ପ୍ରଭୁ ପ୍ରସାଦ ରାଉତ, ରାଜେନ୍ଦ୍ର ମିଶ୍ର ପ୍ରଧାନ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଡ.ଲକ୍ଷ୍ମୀ ଜେନା, ଡିନ୍ ପ୍ରଫେସର ମନୋଜ ମୋହନ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଗ୍ରୱାଲ ଶପଥ ପାଠ କରାଇଥିଲେ। ଡ. ପ୍ରଭତା ନେତି ଧନ୍ୟବାଦ ଦେଇଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - PRAGATIVADI

PAGE –7 DATE –27. 11.2024

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଭାରତୀୟ ସମ୍ବିଧାନ ଦିବସ

■ ଭୁବନେଶ୍ୱର,ତା୨୬।୧୧ (ପିଏନଏସ)

ଭାରତୀୟ ସମ୍ବିଧାନ କେବଳ ନୀତିନିୟମରେ ଏକ ଦଲିଲ ବା ବହିଖଣ୍ଡେ ନୁହେଁ,ଏହା ଭାରତୀୟ ଗଣତନ୍ତ୍ରର ଆଧାରଶିଳା ବିଶ୍ୱର ଦୀର୍ଘତମ ସମ୍ବିଧାନ ଭାବେ ପ୍ରତିଷ୍ଠା ପାଇ ବିଜୟ ବୈଜୟନ୍ତୀ ଉଡ଼ାଇଥିବା ଭାରତୀୟ ସମ୍ବିଧାନ ଶାନ୍ତି ଓ ସଂହତିର ମାର୍ଗଦର୍ଶିକା ବୋଲି ମଙ୍ଗଳବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ୭୫ତମ ଭାରତୀୟ ସମ୍ବିଧାନ ଦିବସ ଉତ୍ସବରେ ମତପ୍ରକାଶ ପାଇଛି । ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର ବିଜୟ କୁମାର ବହିଦାର ଯୋଗଦେଇ ଭିନ୍ନଭିନ୍ନ ଦିଗରୁ ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ବିଧାନ ଦିବସ ଆମର ଏକ ଜାତୀୟ ପର୍ବ ବୋଲି ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଦାସ, ଚିନ୍ମୟୀ କିଷାନ, ପ୍ରଭୁପ୍ରିତମ ରାଉତ ଓ କ୍ୟାଡେଟ ନମିତା ପ୍ରଧାନ ମତବ୍ୟକ୍ତ କରିଥିଲେ ପ୍ରତିଷ୍ଠାନର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର କଳିଙ୍ଗ କେତକୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ତିନ ପ୍ରଫେସର ମାନସୀ ଗୋସ୍ୱାମୀ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ଡକ୍ଟର ପୁଷ୍ପଲତା ନେଗି ଧନ୍ୟବାଦ ଦେଇଥିଲେ ।

INSTITUTE LIBRARY


REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - SAMBAD

PAGE –12 DATE –27.11.2024

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ



ଭୁବନେଶ୍ୱର, ୨୬/୧୧ (ଇମିସ): ଭାରତୀୟ ସମ୍ବିଧାନ କେବଳ ନୀତିନିୟମରେ ଏକ ଦଲିଲ୍ ବା ବହିଖଣ୍ଡେ ନୁହେଁ। ଏହା ଭାରତୀୟ ଗଣତନ୍ତ୍ରର ଆଧାରଶିଳା। ଭାରତୀୟ ସମ୍ବିଧାନ ଶାନ୍ତି ଓ ସଂହତିର ମାର୍ଗଦର୍ଶିକା ବୋଲି ଆଞ୍ଚଳିକଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ୭୫ତମ ଭାରତୀୟ ସମ୍ବିଧାନ ଦିବସ ଉତ୍ସବରେ ମତପ୍ରକାଶ ପାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତିବିଜ୍ଞାନ ବିଶାରଦ ପ୍ରଫେସର ବିଜୟ କୁମାର ବହିଦାର ଭିନ୍ନଭିନ୍ନ ଦିଗରୁ ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ବିଧାନ ଦିବସ ଆମର ଏକ ଜାତୀୟ ପର୍ବ ବୋଲି ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଦାସ, ଚିନ୍ମୟୀ କିଷାନ, ପ୍ରଭୁପ୍ରୀତମ ରାଉତ ଓ କ୍ୟାଡେଟ୍ ନମିତା ପ୍ରଧାନ ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. କଳିଙ୍ଗ କେତକୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପୁଷ୍ପଲତା ନେଗି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଭାରତୀୟ ସମ୍ବିଧାନ ଶପଥପାଠ କରାଇବା ପରେ ଛାତ୍ରଛାତ୍ରୀ ସରସ୍ୱତୀ ବନ୍ଦନା ପରିବେଷଣ କରିଥିଲେ।

**INSTITUTE LIBRARY**

**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - SAMBAD**

**PAGE –12** **DATE –03.12.2024**

## ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ବାର୍ଷିକ ସମ୍ମିଳନୀ

# 'ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଭୁବନେଶ୍ୱର, ୨/୧୨(ଇମିସ): ଶିକ୍ଷକମାନେ ଠିକ୍ ଭାବରେ ନିଜର ଦାୟିତ୍ୱ ନିର୍ବାହ କଲେ ଦେଶ ପରମ ବୈଭବର ଶିଖରରେ ପହଞ୍ଚି ପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଗତକାଲି ଅନୁଷ୍ଠିତ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ରାଜ୍ୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଆହୁରି କହିଲେ, ଅତୀତରେ ଓଡ଼ିଶା ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ସାଧନ କରିଥିଲା। ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଭଗ୍ନାବଶେଷ ତାର ମୂକସାକ୍ଷୀ ହୋଇରହିଛି। ଶିକ୍ଷକମାନଙ୍କର ଦାବି ପ୍ରତି ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସର୍ବଭାରତୀୟ ସଂଗଠନ ସମ୍ପାଦକ ମହେନ୍ଦ୍ର କପୁର କହିଲେ ଯେ ରାଷ୍ଟ୍ର ହିତରେ ଶିକ୍ଷା, ଶିକ୍ଷା ହିତରେ ଶିକ୍ଷକ ଏବଂ ଶିକ୍ଷକ ହିତରେ ସମାଜ। ଏହାକୁ ମୂଳମନ୍ତ୍ର କରି ମହାସଂଘ ଦେଶବ୍ୟାପୀ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା କ୍ଷେତ୍ରକୁ ବିଶେଷ ଅବଦାନ ପାଇଁ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫେସର ଗୋପାଳକୃଷ୍ଣ ଦାଶ, ଗୋପାଳ ପ୍ରସାଦ ମହାପାତ୍ର ଓ ଅନିଲ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ଓଡ଼ିଶା ଶାଖାର ସଭାପତି ନିଲୁରାମ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲା ବେଳେ ମହାସଂଘ ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଫେସର ଶିବବ୍ରତ ଦାସ ଧନ୍ୟବାଦ ଦେଇଥିଲେ। ଆଗାମୀ ତିନିବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ନିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING


NAME OF NEWSPAPER: - SAMBAD

PAGE –02 DATE –18.12.2024

# ଶସ୍ତା ହେବ ଏନ୍‌ସିଇଆର୍‌ଟି ବହି

ନୂଆଦିଲ୍ଲୀ, ୧୭/୧୨: ଆସନ୍ତା ଶିକ୍ଷାବର୍ଷ ଠାରୁ କେତେକ ଶ୍ରେଣୀର ଏନ୍‌ସିଇଆର୍‌ଟି ପୁସ୍ତକ ଶସ୍ତା ହେବ। ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ନିଜର ଛାପା କାରଖାନାର କ୍ଷମତା ବୃଦ୍ଧି କରିଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ସଂସଦରେ କେନ୍ଦ୍ରମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାରେ କେଉଁ କେଉଁ ଶ୍ରେଣୀର ପୁସ୍ତକ ଶସ୍ତା ହେବ ସେନେଇ ସ୍ପଷ୍ଟ କରିନାହାନ୍ତି। ତେବେ ସେ କହିଛନ୍ତି, ଆସନ୍ତା ଶିକ୍ଷାବର୍ଷ ଠାରୁ ଏନ୍‌ସିଇଆର୍‌ଟି ୧୫ କୋଟି ଗୁଣାତ୍ମକ ମାନର ଓ ସୁଲଭଦରର ପୁସ୍ତକ ପ୍ରକାଶ କରିବ। ଛାପା ସଂଖ୍ୟା ବୃଦ୍ଧି ପାଇଥିବାରୁ, କେତେକ ଶ୍ରେଣୀର ପୁସ୍ତକର ଦାମ୍ ମଧ୍ୟ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଭିଭାବକଙ୍କ ଉପରେ ଯେପରି ଆର୍ଥିକ ଚାପ ନପଡ଼ିବ ସେଥିପାଇଁ କୌଣସି ଶ୍ରେଣୀର ପୁସ୍ତକର ଦାମ୍ ବୃଦ୍ଧି କରାଯାଇନାହିଁ। ଏହା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କରେ କହିଛନ୍ତି, ୨୦୨୬-୨୭ ଶିକ୍ଷାବର୍ଷ ଠାରୁ ନୂତନ ଶିକ୍ଷାନୀତି ଅନୁସାରେ ୯ମରୁ ଦ୍ୱାଦଶ ଶ୍ରେଣୀକୁ ପରିବର୍ତ୍ତିତ ପୁସ୍ତକ ପ୍ରଦାନ କରାଯିବ।



## ନବମରୁ ଦ୍ୱାଦଶ ଶ୍ରେଣୀ ନିମନ୍ତେ ଆସିବ ନୂତନ ପୁସ୍ତକ

## କେବଳ ଉଚ୍ଚଶିକ୍ଷା ପ୍ରବେଶିକା ପରୀକ୍ଷା ପରିଚାଳନା କରିବ ଏନ୍‌ଟିଏ

ଏଥିସହିତ ଏନ୍‌ଟିଏ ଆସନ୍ତାବର୍ଷ ୨୦୨୫ରୁ ଚାକିରି ପାଇଁ ହେଉଥିବା କୌଣସି ପରୀକ୍ଷା ପରିଚାଳନା କରିବ ନାହିଁ। କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ହେଉଥିବା ପ୍ରବେଶିକା ପରୀକ୍ଷାଗୁଡ଼ିକର ପରିଚାଳନା କରିବ। ନିଟ୍ ପ୍ରବେଶିକା ପରୀକ୍ଷାରେ ତ୍ରୁଟି ପରେ ଚଳିତବର୍ଷ ଗଠନ ହୋଇଥିବା ଉଚ୍ଚସ୍ତରୀୟ ଟାସ୍କଫୋର୍ସର ସୁପାରିସ ଆଧାରରେ ଏହି ସଂସ୍କାରଧର୍ମୀ ପଦକ୍ଷେପ ନିଆଯାଉଛି। ଏଥିସହିତ ପରୀକ୍ଷା ପାରମ୍ପରିକ ଭାବେ କାଗଜ ଓ କଲମରେ ହେବ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ହେବ ସେ ନେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସହିତ ଆଲୋଚନା ଚାଲିଛି। କମନ ୟୁନିଭର୍ସିଟି ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ବର୍ଷକୁ ଥରେ ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ପରୀକ୍ଷା ପରିଚାଳନାରେ ଯେଭଳି ଆଉ ତ୍ରୁଟି ହେବନାହିଁ ସେଥିପାଇଁ ୨୦୨୫ରେ ଏନ୍‌ଟିଏର ପୁନର୍ଗଠନ ହେବ। ଏଥିପାଇଁ ଅତିକମ୍‌ରେ ୧୦ଟି ନୂଆ ପଦବି ସୃଷ୍ଟି କରାଯାଉଛି। ଏନ୍‌ଟିଏର କାର୍ଯ୍ୟରେ ଅନେକ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି।